ODISHA BHASKAR

ଜନସାଧାରଣଙ୍କ ସ୍ୱର

Published Sim... & Berhampur.

13 No-174 5 SEPTEMBER MONDAY 2016 BHUBANESWAR ସୋମବାର, ସେପ୍ଟେମ୍ବର ୫,

# ପଠନ କେନ୍ଦ୍ରର ପ୍ରତ୍ୟାପର୍ଣ ଉତ୍ସବ

ପାରଳାଖେମୁଣ୍ଡି (ଆପ୍ର)- ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶଶସିତ ମହାବିଦ୍ୟାଳୟସ୍ଥିତ ଓଡ଼ିଶା ରାଜ୍ୟ ବିଶ୍ୱ ବିଦ୍ୟାଳୟ (ଓଏନ୍‌ଓୟୁ) ପଠନ କେନ୍ଦ୍ରର ପ୍ରତ୍ୟାପର୍ଣ ଉତ୍ସବ ଇନ୍‌ଡୁସିଟିଅନ୍ ମହା ଆଡମ୍ବରେ ପାଳିତ ହୋଇଛି । ପ୍ରଭୁ ଜଗନ୍ନାଥ ଏବଂ ପାରଳା ମହାରାଜାଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ ପରେ ପଠନ କେନ୍ଦ୍ରର ସଂଯୋଜକ ତଥା ସଭାର ସଭାପତି ଇନ୍ଦୁଭୂଷଣ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ପଠନ କେନ୍ଦ୍ରର ସଂକ୍ଷିପ୍ତ ବିବରଣ ଉପସ୍ଥାପନା କରିଥିଲେ । ସମସ୍ତ ଶିକ୍ଷାର୍ଥୀଙ୍କୁ ଉତ୍ସର୍ଗ ରୂପେ ଶିକ୍ଷା ଗ୍ରହଣ କରି ଗଠନ କେନ୍ଦ୍ରକୁ ଓଡ଼ିଶାର ଏକ ଆଦର୍ଶ ପଠନ କେନ୍ଦ୍ରରେପରିଣତ କରିବାପାଇଁଆହ୍ୱାନ ଦେଇଥିଲେ । କୁଳ ସଚିବ ଡଃ. ଜୟନ୍ତ କରଶର୍ମା ବିଶ୍ୱ ବିଦ୍ୟାଳୟ ଦ୍ୱାରା ପ୍ରଚଳିତ ବିଭିନ୍ନ ପାଠ୍ୟକ୍ରମର ଉପାଦେୟତା ଆଭିମୁଖ୍ୟ ତଥା ପରୀକ୍ଷା ଏବଂ ପଠନ ଶୈଳୀ ଉପରେ ସର୍ବଶେଷ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଉତ୍ସବର ମୁଖ୍ୟ ଅତିଥି ଡଃ ଉମେଶ କୁମରେସାହୁ (ଓଏସ୍‌ଓୟୁ) ଶିକ୍ଷା ମାଧ୍ୟମରେ ଛାତ୍ରଙ୍କ ଜ୍ଞାନର ଅଭିବୃଦ୍ଧି ସହ ବିଦ୍ୟାର୍ଥୀଙ୍କୁ ଦକ୍ଷ ଏବଂ କୁଶଳୀ ଏବଂ କର୍ମନିଯୁକ୍ତିରେ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ । ବିଶ୍ୱ ବିଦ୍ୟାଳୟ ତରଫରୁ ଶ୍ରୀ ଏସ୍. ରେହମାନ ଏବଂ ଜ୍ୟୋତି ପ୍ରକାଶ ମହାପାତ୍ର ଡିଆରଡି ଏବଂ ଡିଆଇଏନ୍‌ସିର ପରାମର୍ଶ ଦାତା ଭାବେ ଯୋଗଦାନ କରି ଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇ ବିଭିନ୍ନ ପ୍ରସଙ୍ଗରେ ନିଜସ୍ୱମତ ପୋଷଣ କରିଥିଲେ । ମହାବିଦ୍ୟାଳୟର ପ୍ରାଧ୍ୟାପକ ସିଦ୍ଧିବ୍ରତ ମିଶ୍ର ଏବଂ ଅବସରପ୍ରାପ୍ତ ଅର୍ଥନୀତି ପ୍ରାଧ୍ୟାପକ ହରିଦାସ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ପାଠ୍ୟକ୍ରମ ତଥା ଏଭଳି ପଠନ କେନ୍ଦ୍ର ମହାବିଦ୍ୟାଳୟର ଗୌରବ ବଢାଇବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଗଜପତି ଜିଲ୍ଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଓଏସ୍‌ଓୟୁ ପ୍ରତ୍ୟାର୍ପଣ ଉତ୍ସବରେ ସମସ୍ତ ଶିକ୍ଷାର୍ଥୀ ଏବଂ ମହାବିଦ୍ୟାଳୟର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଚଳିତ ଶିକ୍ଷବର୍ଷରେ ୧୦୫ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୬୮ ଜଣ ପୁରୁଷ ୬୫% ଏବଂ ୩୭ (୩୫%) ମହିଳା ଏବଂ ୬୨ ଜଣ (୫୯%) ଡିଆଡି ନେଇଛନ୍ତି । ସେପ୍ଟେମ୍ବର ୪ରୁ ପାଠପ୍ରାରମ୍ଭ ହେବ । ପଠନ କେନ୍ଦ୍ରର ସୁପରିଚାଳନା ତଥା ବହୁସଂଖ୍ୟାର ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ଇନ୍ଦୁଭୂଷଣ ସାହୁଙ୍କ ଅବଦାନ ଓ ପ୍ରଚେଷ୍ଟାକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ । ଅପରାହ୍ନରେ ଏକାଡେମିକ୍ କାଉନସେଲର ମାନଙ୍କ ପାଇଁ ଆୟୋଜିତ ଓରିଏନ୍‌ଟେସନ ପ୍ରୋଗ୍ରାମରେ ବିଶ୍ୱ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ସଂଯୋଜକଙ୍କ ଉପସ୍ଥିତିରେ ପାଠ୍ୟକ୍ରମର ଖସଡା, ପଠନଶୈଳୀ, ମୂଲ୍ୟାଙ୍କନ ପଦ୍ଧତି, ଭଳି ସମସ୍ତ ପ୍ରସଙ୍ଗରେ କୁଳସଚିବ ଡଃ ଜୟନ୍ତ କର ଶର୍ମା ସର୍ବଶେଷ ଆଲୋଚନା କରିଥିଲେ ଏବଂ ସମସ୍ତେ ସକ୍ରିୟ ଅଂଶ ଗ୍ରହଣ କରି ନିଜସ୍ୱ ମତ ପୋଷଣ କରିଥିଲେ । ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ କୈଳାଶ ନାଥ ତ୍ରିପାଠୀ ବାଣିଜ୍ୟ ମନଷ୍ଟାର ସମସ୍ତ ପାଠ୍ୟକ୍ରମ (ଡିଏମ୍, ଡିଇଡି, ଡିଆଇଏ) ଉପରେ ଆଲୋକପାତ କରିଥିଲେ । ପରିଶେଷରେ ପଠନ କେନ୍ଦ୍ରର ସହ ସଂଯୋଜକ ଅଧ୍ୟାପକ ସଂଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।